101 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2021-2023

- Bhubaneswar, Wednesday 15 September 2021
- ଭୁବନେଶ୍ୱର, ବୁଧବାର ୧୫ ସେପ୍ଟେମ୍ବର ୨୦୨୧
- ଆଜି ସିଂହ ୩୦ ଦିନ, ୧୪୨୯ ସାଲ
- ଭାଦ୍ରବ ୨୪ ଦିନ, ୧୯୪୩ ଶକାବ୍ଦ, ଶୁକ୍ଳପକ୍ଷ ନବମୀ
- ଭାଗ- ୯୨ ସଂଖ୍ୟା- ୨୬୩
- www.thesamaja.com
www.samajaepaper.com
www.samajalive.in

ଟ ୭.୦୦ (୧୬ ପୃଷ୍ଠା)
★

# ସମାଜ®
The Samaja
ପ୍ରତିଷ୍ଠାତା- ଉତ୍କଳମଣି ଗୋପବନ୍ଧୁ ଦାସ
PRINTED AT CUTTACK, SAMBALPUR, BALESWAR, VISAKHAPATNAM

ଯଥା ଦୀପୋ ନିବାତସ୍ଥୋ ନେଙ୍ଗତେ ସୋପମା ସ୍ମୃତା ।
ଯୋଗିନୋ ଯତଚିତ୍ତସ୍ୟ ଯୁଞ୍ଜତୋ ଯୋଗମାତ୍ମନଃ ।।
(ଗୀତା : ୬-୧୯)



ପବନ ନ ଥିବା ସ୍ଥାନରେ ଦୀପର ଶିଖା ଯେପରି ଚଞ୍ଚଳ ହୁଏ ନାହିଁ, ପରମାତ୍ମାଙ୍କ ଧ୍ୟାନରେ ଲାଗିଥିବା ଯୋଗୀଙ୍କର ବଶୀଭୂତ ଚିତ୍ତକୁ ମଧ୍ୟ ସେହି ଉପମା ଦିଆଯାଏ ।

# ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟରେ ସ୍ୱାଗତ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୪।୯: ବିର୍ଲା ଆଇନ ବିଦ୍ୟାଳୟ ଓ ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ବିବିଏ. ଏଲ୍‌ଏଲ୍‌ବି (ସମ୍ମାନ) ଛାତ୍ରଛାତ୍ରୀମାନଙ୍କ ଆଭାସି ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସର୍ବୋଚ୍ଚ ନ୍ୟାୟାଳୟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ର ଉଦ୍‌ବୋଧନ ଦେଇଥିଲେ । ବିଜିୟୁ କୁଳପତି ଡ଼ଃ. ପି.ପି. ମାଥୁର ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ । ରେଜିଷ୍ଟ୍ରାର ପ୍ରଫେସର ଡ଼ଃ ବି. କେ. ଦାସ, ଡିନ୍ ପ୍ରଫେସର ଏଲ୍.କେ ଦେବ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି ।

ଖବର ଦୁନିଆର ନୂଆ ସମ୍ଭାବନା...
ଓଡ଼ିଶା ଖବର
ODISHA KHABAR

# ଭଲ ଓକିଲ ହେବା ପାଇଁ ଯୁକ୍ତିଯୁକ୍ତ ଚିନ୍ତାଧାରା ଆବଶ୍ୟକ: ଜଷ୍ଟିସ୍ ଦୀପକ ମିଶ୍ର




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗଣେଶ ପୂଜାର ପବିତ୍ର ଅବସରରେ ବିର୍ଲା ସ୍କୁଲ ଅଫ ଲ' ବିର୍ଲା ଗ୍ଲୋବାଲ ୟୁନିଭରସିଟିର ୨୦୨୧-୨୨ ବର୍ଷର ବିବିଏ, ଏଲ୍ଏଲ୍ବି(ଅନର୍ସ) ଛାତ୍ରଛାତ୍ରୀମାନଙ୍କର ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାରତର ୪୫ତମ ମୁଖ୍ୟ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ର ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଶ୍ରୀ ମିଶ୍ର ଛାତ୍ରଛାତ୍ରୀମାନଙ୍କୁ ସଚ୍ଚୋଟ, ଶୃଙ୍ଖଳିତ ଏବଂ ବୟସ୍କ ବ୍ୟକ୍ତିମାନଙ୍କୁ ସମ୍ମାନ ପ୍ରଦାନ କରିବାକୁ ଉପଦେଶ ଦେଇଥିଲେ। ଜଣେ ଭଲ ଓକିଲ ହେବା ପାଇଁ ସବୁବେଳେ ଯୁକ୍ତିଯୁକ୍ତ ଚିନ୍ତାଧାରା ସହିତ ଉତ୍ତମ ଉଚ୍ଚାରଣ ଶୈଳୀର ଆବଶ୍ୟକତା ରହିଛି ବୋଲି ସେ ପ୍ରକାଶ କରିଥିଲେ। ଲ' ଛାତ୍ରଛାତ୍ରୀମାନେ ଆଇନ୍ ବିଷୟକୁ ବାଦ୍ ଦେଇ ଦର୍ଶନଶାସ୍ତ୍ର, ମନସ୍ତତ୍ତ୍ୱ, ତର୍କରେ ମଧ୍ୟ ବିଶାଳ ଜ୍ଞାନ ଆହରଣ କରିବା ଉଚିତ୍ ବୋଲି ସେ କହିଥିଲେ। ବିଜିୟୁ କୁଳପତି ଡ଼. ପି.ପି. ମାଥୁର ନୂତନ ବ୍ୟାଚ୍‌ର ଛାତ୍ରଛାତ୍ରୀମାନଙ୍କୁ ଜୀବନରେ ସଫଳ ହେବା ପାଇଁ ଶୃଙ୍ଖଳିତ ଜୀବନ ଓ କଠିନ ପରିଶ୍ରମର ଆବଶ୍ୟକତା ରହିଛି ବୋଲି କହିଥିଲେ। ସେ ଛାତ୍ରଛାତ୍ରୀମାନଙ୍କର ସର୍ବାଙ୍ଗୀନ ବ୍ୟକ୍ତିତ୍ୱ ବିକାଶ ପାଇଁ ବିର୍ଲା ଗ୍ଲୋବାଲ ୟୁନିଭରସିଟିରେ ସମସ୍ତ ସୁବିଧା ସୁଯୋଗ ଓ ଉପଯୁକ୍ତ ପରିବେଶ ରହିଛି ବୋଲି କହିଥିଲେ। ବିଜିୟୁ ରେଜିଷ୍ଟ୍ରାର ପ୍ରଫେସର ଡ଼. ବି. କେ. ଦାସ, ବିର୍ଲା ସ୍କୁଲ ଅଫ୍ ଲ ଆନ୍ତର୍ଜାତୀୟ ସ୍ତରୀୟ ଶିକ୍ଷା ବ୍ୟବସ୍ଥାରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରି ପାରିଥିବା ସହ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ମୋଡ୍‌ରେ ସକ୍ରିୟ ଭାବେ ଶିକ୍ଷା ଦାନ କରି ପାରୁଛି ବୋଲି କହିଥିଲେ। ବିର୍ଲା ସ୍କୁଲ ଅଫ୍ ଲ' ର ଡିନ୍ ପ୍ରଫେସର ଏଲ୍.କେ ଦେବ, ଜଷ୍ଟିସ୍ ଦୀପକ ମିଶ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ବିଚାରକୁ ଦର୍ଶାଇବା ସହ ଛାତ୍ରଛାତ୍ରୀମାନଙ୍କ ସହ ପରିଚିତ କରାଇଥିଲେ। ଭାବନା ଶର୍ମା, ଆସୋସିଏଟ୍ ପ୍ରଫେସର ଧନ୍ୟବାଦ ଅର୍ପଣ କରିଥିଲେ।

RNI REGD NO: ODIODI/2011/37619 - POSTAL REGD NO: BN/208/18-20

www.prameya.com prameyaodia prameyaodia



ପଢ଼ିଗଲି ତୋ
ପ୍ରେମରେ
(ପୃଷ୍ଠା: ୨)

# ପ୍ରମେୟ
THE PRAMEYA

VOLUME 11 • ISSUE 136 ବର୍ଷ ୧୧ • ସଂଖ୍ୟା ୧୩୬

15 SEPTEMBER 2021 WEDNESDAY ୧୫ ସେପ୍ଟେମ୍ବର ୨୦୨୧ ବୁଧବାର



କଙ୍ଗନାଙ୍କୁ କୋର୍ଟଙ୍କ
ଚେତାବନୀ
(ପୃଷ୍ଠା: ୬)

PRINTED AT BHUBANESWAR SAMBALPUR PANIKOILI JEYPORE 18 PAGES ₹7.00

## ବିର୍ଲା ସ୍କୁଲ ଅଫ୍ ଲ'ରେ ଓରିଏଣ୍ଟେସନ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୪।୯(ବ୍ୟୁରୋ): ଗଣେଶ ପୂଜା ଅବସରରେ ବିର୍ଲା ସ୍କୁଲ ଅଫ୍ ଲ', ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ୨୦୨୧-୨୨ ବର୍ଷର ବିବିଏ, ଏଲ୍ଏଲବି(ଅନର୍ସ) ଛାତ୍ରଛାତ୍ରୀଙ୍କ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାରତର ୪୫ତମ ମୁଖ୍ୟ ବିଚାରପତି ଜଷ୍ଟିସ ଦୀପକ ମିଶ୍ର ଛାତ୍ରଛାତ୍ରୀଙ୍କୁ ଉଦ୍ବୋଧନ ଦେଇ କହିଥିଲେ ଯେ, ଜଣେ ଭଲ ଓକିଲ ହେବା ପାଇଁ ସବୁବେଳେ ଯୁକ୍ତିଯୁକ୍ତ ଚିନ୍ତାଧାରା ସହ ଉତ୍ତମ ଉଚ୍ଚାରଣ ଶୈଳୀର ଆବଶ୍ୟକତା ରହିଛି। ଲ' ଛାତ୍ରଛାତ୍ରୀମାନେ ଆଇନ ବିଷୟକୁ ବାଦ୍ ଦେଇ ଦର୍ଶନଶାସ୍ତ୍ର, ମନସ୍ତତ୍ତ୍ୱ, ତର୍କରେ ମଧ୍ୟ ବିଶାଳ ଜ୍ଞାନ ଆହରଣ କରିବା ଉଚିତ। ବିଜିୟୁ କୁଳପତି ଡ. ପି. ପି. ମାଥୁର ନୂତନ ବ୍ୟାଚ୍‌ର ଛାତ୍ରଛାତ୍ରୀମାନଙ୍କୁ ଜୀବନରେ ସଫଳ ହେବା ପାଇଁ ଶୃଙ୍ଖଳିତ ଜୀବନ ଓ କଠିନ ପରିଶ୍ରମର ଆବଶ୍ୟକତା ରହିଛି ବୋଲି କହିଥିଲେ। ବିଜିୟୁ ରେଜିଷ୍ଟ୍ରାର ପ୍ରଫେସର ଡ. ବି. କେ. ଦାସ ଏବଂ ବିର୍ଲା ସ୍କୁଲ ଅଫ୍ ଲ'ର ଡିନ୍ ପ୍ରଫେସର ଏଲ୍. କେ. ଦେବ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଶେଷରେ ଆସୋସିଏଟ୍ ପ୍ରଫେସର ଭବାନୀ ଶର୍ମା ଧନ୍ୟବାଦ ଦେଇଥିଲେ।